# ଶଙ୍ଖ

ଚଟ୍‌କିନା ହଜେଇ ଦେଲି
ହେଇ ଦେଖୁ ଦେଖୁ
ଖୋଜିବାରୁତାକୁ
ଠିକ୍‌ହାତ ପାଇଲା
ମୁଣ୍ଡକୁଛୁଇଁବାରୁ
ଏକଦମ୍ ସେ ଶଙ୍କିଗଲା
ପାଦ କାଢିବାରୁ
ଯାହା ଲଟ୍‌କିଥିଲା
ସେ ଅଂଶ ବିହାତ
ପାଆନ୍ତାରୁସର୍ଲିଗଲା  ॥୧

ଧରିବ ତାକୁ
ଆଉ ଠିକ୍‌ଧରା ଦେଲେ
ଝଡରେ ଆସିବ
ଗୋଲାପ ମହକ
ମଶାଣୀରେ ଚେଇଁବ
ଅସରନ୍ତି ଜୀବନ
ଧୁମାଲ୍ କରିବ
ବାର୍ଦ୍ଧକ୍ୟରେ ଯୌବନ  ॥୨

ତାକୁ ଧରିବାରେ ଯଦି
ଖାପ ନ ଖାଇବ
ମେଘରୁ ବରଷିବ
ବିଷାକ୍ତ  ରକ୍ତ
ବୃକ୍ଷ ଫୁଟନ୍ତା ସଜ ଫୁଲ
ମହକିବ ତତଲା, ବାସି
ପ୍ରୀୟସୀ ସାଜିବ
ତଣ୍ଟି କଟା, ବିଷକନ୍ୟା ॥୩

ଧରିବାକୁ ତାକୁ
ସଭିଙ୍କ  ଲୋଭ
ଠିକ୍ ଧରା ନ ଦେଲେ
ମଣିଷ କ୍ଷୋଭ
ଧରା ଦେଲେ କିନ୍ତୁ
ସେ ଘର ମିରିଗ
କୁଆଡେ, ତାକୁ ଧରିବା
ଆଜିକାଲିର ନେତା,
ଆଉ କବିଙ୍କ ରୋଗ  ।।୪

ଦିଗମ୍ବର ପାତ୍ର